# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 March - 2026

*********************************

## ମୁଖ୍ୟ ସମ୍ବାଦ

- କୃଷି କ୍ଷେତ୍ରରେ ମହିଳାଙ୍କୁ ନୀତିନିର୍ଦ୍ଧାରଣ, ନିଷ୍ପତ୍ତି ଗ୍ରହଣ ଓ ନେତୃତ୍ୱ ମିଳିବା ଉଚିତ; କହିଲେ ରାଷ୍ଟ୍ରପତି
- ବିଧାନସଭା ବଜେଟ୍ ଅଧିବେଶନରେ ଆଜି ରାଜ୍ୟରେ ଇନ୍ଧନ ଗ୍ୟାସ ଅଭାବ ପ୍ରସଙ୍ଗ ଏବଂ କଳାବଜାରୀକୁ ନେଇ ଗୃହ କାର୍ଯ୍ୟ ବାଧାପ୍ରାପ୍ତ
- 'ହର୍ ଘର୍ ଜଳ' ଯୋଜନା ଅଧୀନରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରୁଛନ୍ତି ସରକାର
- ଜାତୀୟ ବିପର୍ଯ୍ୟୟ ତାଲିକାରେ ଗ୍ରୀଷ୍ମ ପ୍ରବାହକୁ ସାମିଲ କରିବା ନେଇ ୧୬ତମ ଅର୍ଥ କମିଶନଙ୍କ ସୁପାରିସ

ଏବଂ

- 'ସମସ୍ତଙ୍କ ପାଇଁ ସୁସ୍ଥ କିଡ୍‌ନୀ ଓ ଗ୍ରହକୁ ସୁରକ୍ଷା ଦେବାର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ କିଡ୍‌ନୀ ଦିବସ

# ରାଷ୍ଟ୍ରପତି– କୃଷି ଖାଦ୍ୟ ସମ୍ମିଳନୀ

କୃଷି କ୍ଷେତ୍ରରେ ନିୟୋଜିତ ମହିଳାଙ୍କ ମଧ୍ୟରେ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ କୃଷି ଖାଦ୍ୟ ବ୍ୟବସ୍ଥାରେ ମହିଳାଙ୍କ ଭୂମିକା ସମ୍ପର୍କିତ ସମ୍ମିଳନୀରେ ଉଦ୍‌ଘାଟନ କରି ରାଷ୍ଟ୍ରପତି କହିଛନ୍ତି, ଭାରତ ମହିଳାଙ୍କ ନେତୃତ୍ୱରେ ବିକଶିତ ହେବାର ରଣନୀତି ଗ୍ରହଣ କରିଛି। କୃଷି କ୍ଷେତ୍ରରେ ମହିଳାଙ୍କୁ ନୀତି ନିର୍ଦ୍ଧାରଣ, ନିଷ୍ପତ୍ତି ଗ୍ରହଣ ଏବଂ ନେତୃତ୍ୱ ପଦବୀରେ ଭୂମିକା ମିଳିବା ଉଚିତ। ଏହି କ୍ଷେତ୍ରର ବିଭିନ୍ନ ସ୍ତରରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ଲିଙ୍ଗଗତ ଅନ୍ତର୍ଭୁକ୍ତୀମୂଳକ କୃଷି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O -**

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଏହି ବିଶ୍ୱସ୍ତରୀୟ ସମ୍ମିଳନୀର ଅଂଶଗ୍ରହଣକାରୀମାନେ ପ୍ରଗତିକୁ ଆଗେଇ ନେବା ଏବଂ ନୂତନ ମାଇଲଖୁଣ୍ଟ ହାସଲ ପାଇଁ ନୀତିନିର୍ଦ୍ଧାରଣ କରିବେ। ମନୁଷ୍ୟ, ପୃଥିବୀ, ସମୃଦ୍ଧି, ଶାନ୍ତି ଏବଂ ସହଭାଗିତାକୁ ସମାନ ଗୁରୁତ୍ୱ ଦେବା ଉପରେ ବିଶ୍ୱସ୍ତରୀୟ ସହମତି ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ତିନିଦିନିଆ ସମ୍ମିଳନୀ ବୈଷୟିକ ଅଧିବେଶନର ବିଭିନ୍ନ ଶୃଙ୍ଖଳା ଉପରେ ପର୍ଯ୍ୟବେସିତ।

BBSR/R

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ଚତୁର୍ଥ ଦିନରେ ରାଜ୍ୟରେ ରନ୍ଧନ ଗ୍ୟାସ ଅଭାବ ଏବଂ କଳାବଜାରୀକୁ ନେଇ ଆଜି ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବିରୋଧୀ କଂଗ୍ରେସ ଓ ବିଜେଡିର ସଦସ୍ୟମାନେ ହଟ୍ଟଗୋଳ କରିବା ସହିତ ନିଜ ନିଜ ଆସନରେ ଛିଡ଼ା ହୋଇ ରହିବା କାରଣରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ବାଚସ୍ପତି ସୁରମା ପାଢ଼ି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ପ୍ରଥମାର୍ଦ୍ଧରେ ବିଭିନ୍ନ ପର୍ଯ୍ୟାୟରେ ଗୃହ ମାତ୍ର ୨୫ ମିନିଟ୍ ଚାଲିଥିଲା । ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଦଳର ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ । ବିଶୃଙ୍ଖଳା ମଧ୍ୟରେ ୨ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିଲା । ପ୍ରଥମେ ୧୦ଟା ୪୦ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ । ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମାନ ଭାବେ ହଟ୍ଟଗୋଳ କରିଥିଲା । ଶୂନ୍ୟକାଳରେ ରାଜ୍ୟ ଓ ଜାତୀୟ ପ୍ରସଙ୍ଗ ଆଲୋଚନା ହୋଇପାରିବ ବୋଲି ଶାସକ ଦଳ ସଦସ୍ୟ ଇରାସିସ ଆଚାର୍ଯ୍ୟ କହିଥିଲେ, ଗୃହକୁ ବନ୍ଦ କରିବା ନିନ୍ଦନୀୟ ଓ ଦୁଃଖଦାୟକ ବୋଲି ଶାସକ ଦଳର ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ପରିସ୍ଥିତିରେ ସୁଧାର ନ ଆସିବାରୁ ବାଚସ୍ପତି ୧୧ଟା ୩୯ରୁ ୧୨ଟା ୧୦ ମିନିଟ୍

ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । ଅପରପକ୍ଷେ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଉତ୍ତର ରଖିଥିଲେ । ପରେ ବାଚସ୍ପତି ୧୨ଟା ୧୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ।

BBSR/R

## ବିଧାନସଭା– ଜଳଜୀବନ ମିଶନ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଜଳଜୀବନ ମିଶନ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଗ୍ରାମାଞ୍ଚଳ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିନ୍ତ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଗୃହରେ କହିଛନ୍ତି । ବିରୋଧୀ ଦଳ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବର ଉତ୍ତର ରଖି ଶ୍ରୀ ନାଏକ କହିଛନ୍ତି, ଗ୍ରାମସଭା ମାଧ୍ୟମରେ 'ହର୍ ଘର୍ ଜଳ' ଗ୍ରାମ୍ୟ ପାଣି, ପରିମଳ ସମିତି ଏବଂ ସରପଞ୍ଚଙ୍କ ଅନୁମୋଦନକ୍ରମେ ଘୋଷଣା କରାଯାଉଛି । ଏଥିରେ ଜନସାଧାରଣଙ୍କ ପିଇବା ପାଣିର ଉତ୍ସ, ପାନୀୟ ଜଳର ମାନ ପରୀକ୍ଷଣ ଏବଂ ସୁବ୍ୟବସ୍ଥିତ ତଥା ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ସମସ୍ତ ବିଷୟ ଉପରେ ଧ୍ୟାନକେନ୍ଦ୍ରୀତ କରି ପଞ୍ଚାୟତିରାଜ ବିଭାଗ କାର୍ଯ୍ୟ କରିଆସୁଛି । କାର୍ଯ୍ୟକ୍ରମ ଅଧୀନରେ ୨୦୨୪ ମସିହା ଏପ୍ରିଲ ମାସଠାରୁ ୬ ହଜାର ୧୩ଟି ଗ୍ରାମକୁ 'ହର୍ ଘର ଜଳ' ଘୋଷଣା କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୧୧ ହଜାର ୯୬୭ ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସମସ୍ତ ଗ୍ରାମରେ ମୌଳିକ ପିଇବା

ପାଣିର ସୁବିଧା ପାଇଁ ନଳକୂପ ଖନନ କରାଯାଇଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆବଶ୍ୟକସ୍ଥଳେ ନୂତନ ନଳକୂପ ଖନନ ପାଇଁ ମାର୍ଗଦର୍ଶିକା ଅନୁଯାୟୀ ମଞ୍ଜୁରୀ ପ୍ରଦାନ କରାଯିବ। ଅପହଞ୍ଚ ଗ୍ରାମାଞ୍ଚଳରେ ସୌର ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୬ ହଜାର ୧୭୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ସମସ୍ତ ଗ୍ରାମରେ ପାନୀୟ ଜଳ ଭିତ୍ତିଭୂମି ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀଙ୍କୁ ଗୃହକୁ ଅବଗତ କରାଇଥିଲେ।

Desk

## ଦାଣ୍ଡିଯାତ୍ରା

ଭାରତକୁ ସ୍ୱାଧୀନ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୩୦ ମସିହା ଆଜିର ଦିନରେ ସାବରମତି ଆଶ୍ରମରୁ ଦାଣ୍ଡିଯାତ୍ରା ଆରମ୍ଭ ହୋଇଥିଲା। ଐତିହାସିକ ଦାଣ୍ଡିଯାତ୍ରା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଅଧ୍ୟାୟ। ଗାନ୍ଧିଜୀ ଏବଂ ଦେଶର ଅନେକ ସ୍ୱାଧୀନତା ସଂଗ୍ରାମୀ ବ୍ରିଟିଶ ଶାସନ ବିରୁଦ୍ଧରେ ଦେଶ ପାଇଁ ବଳିଦାନ ଦେଇଥିଲେ। ଓଡ଼ିଶାର ଇଞ୍ଚୁଡ଼ିରେ ମଧ୍ୟ ଲବଣ ସତ୍ୟାଗ୍ରହର ଯେଉଁ ପ୍ରତିଫଳନ ଦେଖିବାକୁ ମିଳିଥିଲା, ତାହା ଓଡ଼ିଆ ଜାତିର ବୀରତ୍ୱ ଓ ବଳିଦାନର ପ୍ରତୀକ। ମୁଠାଏ ଲୁଣ ସେଦିନ ପ୍ରତ୍ୟେକ ଭାରତୀୟଙ୍କ ମନରେ ଯେଉଁ ଆତ୍ମବଳ ଓ ସ୍ୱରାଜର ନୂତନ ମନ୍ତ୍ର ଭରିଥିଲା ତାହା ଦେଶର ମୁକ୍ତି ପାଇଁ ପଥ ପ୍ରଶସ୍ତ କରିଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମହାନ ସତ୍ୟାଗ୍ରହକୁ ସ୍ମରଣକରିଛନ୍ତି ।

BBSR/R

# ବିଧାନସଭା- ଅଂଶୁଘାତ

ରାଜ୍ୟ ସରକାର ଅଂଶୁଘାତ ମୁକାବିଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି । ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କଟକ–ଭୁବନେଶ୍ୱର ସହର ସମେତ ୩୦ଟି ଜିଲ୍ଲା, ୧୦ଟି ପୌରାଞ୍ଚଳ ପାଇଁ ଗ୍ରୀଷ୍ମ ପ୍ରବାହଜନିତ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି । ଆଉ ୩୧ଟି ପୌରାଞ୍ଚଳର ଅଂଶୁଘାତ ନିବାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ । ଜିଲ୍ଲାସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଜାତୀୟ ବିପର୍ଯ୍ୟୟ ତାଲିକାରେ ଗ୍ରୀଷ୍ମ ପ୍ରବାହକୁ ସାମିଲ କରିବା ପାଇଁ ୧୬ତମ ଅର୍ଥ କମିଶନ ସୁପାରିସ କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି ।

Desk

# ବିଶ୍ୱ କିଡ୍‌ନୀ ଦିବସ

ମନୁଷ୍ୟ ଶରୀରରେ କିଡ୍‌ନୀର ଗୁରୁତ୍ୱ ଏବଂ ଏହାର ସୁସ୍ଥତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଉଛି । ଚଳିତବର୍ଷର ଏହି ଦିବସର ବାର୍ତ୍ତା ରହିଛି

‘ସମସ୍ତଙ୍କ ପାଇଁ ସୁସ୍ଥ କିଡ୍‌ନୀ, ଲୋକଙ୍କ ଯତ୍ନ ନେବା, ଗ୍ରହକୁ ସୁରକ୍ଷା ଦେବା’ । ଏ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ରିପୋର୍ଟ...

ସୁସ୍ଥ ଜୀବନ ପାଇଁ କିଡ୍‌ନୀର ଆବଶ୍ୟକତା ଏବଂ ଏହାର ଯତ୍ନ ନେବା ଉପରେ ଆଜିର ଦିନ ଜନସାଧାରଣଙ୍କୁ ସଚେତନ କରାଇଥାଏ। କିଡ୍‌ନୀ ଦ୍ୱୟ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ପରିଶୋଧନ କାର୍ଯ୍ୟ କରିଥାଏ। ଶରୀରରେ ଜଳ ଏବଂ ଲବଣା ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଲେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଶରୀରକୁ ସୁସ୍ଥ ରଖେ। ମଧୁମେହ ଓ ଉଚ୍ଚ ରକ୍ତଚାପ କାରଣରୁ କିଡ୍‌ନୀ ରୋଗ ହେବାର ଆଶଙ୍କା ଅଧିକ ବୃଦ୍ଧି ପାଇଥାଏ । ୨୦୦୬ ମସିହାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ବର୍ତ୍ତମାନ ସମୟରେ କିଡନୀ ରୋଗ ସମଗ୍ର ବିଶ୍ୱରେ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି। ଅନେକ ସମୟରେ ଆରମ୍ଭରୁ ଲକ୍ଷଣ ସ୍ପଷ୍ଟ ନ ହୋଇଥିବାରୁ ରୋଗୀ ଗୁରୁତର ଅବସ୍ଥାରେ ପହଁଞ୍ଚିଥାଏ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିୟମିତ ପାଣି ପିଇବା, ପୌଷ୍ଟିକ ଖାଦ୍ୟ ଗ୍ରହଣ, ବ୍ୟାୟାମ, ନିତ୍ୟାନ୍ତ ଆବଶ୍ୟକ। ଏଥିସହିତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରି ଔଷଧ ନେବା ଜରୁରୀ।

ଏହି ଦିବସ ସମ୍ପର୍କରେ ଏସ୍.ସି.ବି'ର କିଡ୍‌ନୀ ରୋଗ ବିଶେଷଜ୍ଞ ଡାକ୍ତର ଆଲୋକ କୁମାର ମହାପାତ୍ର ଆକାଶବାଣୀକୁ କହିଛନ୍ତି...

**- V/O -**

ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Ganjam

# ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁରସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ ଆଇଜର କ୍ୟାମ୍ପସରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ୟାମ୍ପସ ବିସ୍ତାର ପାଇଁ ଅତିରିକ୍ତ ଜମି ଆବଶ୍ୟକତା, ଆଇଜର ମୁଖ୍ୟ ରାସ୍ତାକୁ ପ୍ରଶସ୍ତ କରିବା, ଜରୁରୀ ସମୟରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

Gajapati

# କୃତ୍ରିମ ବୁଦ୍ଧିମତା କର୍ମଶାଳା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ଉପରେ ଗଜପତି ଜିଲ୍ଲା ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଅଧିକାରୀମାନେ  ମତବ୍ୟକ୍ତ କରିଛନ୍ତି ।

Boudh

## ସଚେତନତା ସଭା

ବୌଦ୍ଧ ଜିଲ୍ଲା ମାଧପୁରଠାରେ ଜଙ୍ଗଲ ନିଆଁ ସମ୍ପର୍କରେ  ବନ ବିଭାଗ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ରେଞ୍ଜ ଅଧିକାରୀ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା, ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରାଇଥିଲେ ।

Nabarangpur

## ଜନସମ୍ପର୍କ ଶିବିର

ନବରଙ୍ଗପୁର ଜିଲ୍ଲା ପୁଲିସ ପକ୍ଷରୁ ଝରିଗାଁ ଥାନା ଅଧୀନ ଚେପ୍‌ଟି ଆମ୍ଭ ଗ୍ରାମରେ ପୁଲିସ–ଜନସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ପୁଲିସ ଓ ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା, ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ନିମନ୍ତେ ଶିବିରରେ ଗୁରୁତ୍ୱାରୋପ କରିଛନ୍ତି ।

Boudh

## ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମହିଳାଙ୍କ ଅଧିକାର ଓ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହିଳା ସଶକ୍ତୀକରଣ, ମହିଳାଙ୍କ ସମ୍ବନ୍ଧୀୟ ବିଭିନ୍ନ ଯୋଜନା, ଘରୋଇ ହିଂସାରୁ ସୁରକ୍ଷା ଆଇନ ଆଦି ବିଭିନ୍ନ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ ।

Dhenkanal

## ଜନଗଣନା ପ୍ରଶିକ୍ଷଣ

ଢେଙ୍କାନାଳସ୍ଥିତ ମହିଷାପାଟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆସନ୍ତା ଜନଗଣନା ପାଇଁ ପ୍ରଶିକ୍ଷକମାନଙ୍କ ନିମନ୍ତେ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ କମ୍ପ୍ୟୁଟର ଏବଂ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ଡିଜିଟାଲ ପଦ୍ଧତିରେ ପରିଚାଳନା କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା ।

Boudh

## ସଚେତନତା ସଭା

ବୌଦ୍ଧ ଜିଲ୍ଲା ମାଧପୁରଠାରେ ଜଙ୍ଗଲ ନିଆଁ ସମ୍ପର୍କରେ  ବନ ବିଭାଗ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ରେଞ୍ଜ ଅଧିକାରୀ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା, ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରାଇଥିଲେ ।

Subarnpur

# ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଓ ସୋନପୁର ବ୍ଲକଠାରେ ମହିଳାଙ୍କ ଅଧିକାର ଓ ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକ ସମ୍ପର୍କରେ ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଙ୍ଗନବାଡିକର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଏ ସମ୍ପର୍କରେ ସଚେତନ କରାଯାଇଥିଲା ।